# Akashvani, Sambalpur

# SAMBALPURI NEWS MORNING BULLETIN

# 13 May 2026 - 6.47- 6.52 am.

---

ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ପ୍ରାକ୍ ବାତ୍ୟା ପ୍ରସ୍ତୁତି ବାବଦ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଭୌଗୋଳିକ୍ ଥିତି ହିସାବେ ଓଡ଼ିଶା ବାତ୍ୟା ଲାଗି ଅତି ସମ୍ବେଦନ୍‌ଶୀଲ୍ ବା ଜଲ୍‌ବାୟୁ ପରିବର୍ତ୍ତନ୍ ଲାଗି ବାତ୍ୟା ସମ୍ଭାବନା ବଢୁଥିବାର୍‌ନୁ ଶୂନ୍ ମୃତାହତ ଲକ୍ଷ୍ୟ ଲାଗି ପ୍ରସ୍ତୁତି ଜାରି ରହିଛେ । ପାଣିପାଗ୍ ନିର୍ଦ୍ଦେଶିକା ଡକ୍ଟର୍ ମନୋରମା ମହାନ୍ତି ବୈଠକ୍‌ଥି ଯୋଗ୍ ଦେଇକରି କହିଛନ୍, ଇହାଦେ ଓଡ଼ିଶା ଉପକୂଲ୍ ନ କେନ୍‌ସି ପ୍ରକାର୍ ବାତ୍ୟାର୍ ସମ୍ଭାବନା ନାଇଁନ । ହେଲେ ପ୍ରାକ୍ ବାତ୍ୟା ପ୍ରସ୍ତୁତି ହିସାବେ ସବୁସ୍ତର୍ ନ ପ୍ରସ୍ତୁତ୍ ରହେବାର୍‌କେ ସେ ରାଜ୍ୟ ସର୍‌କାର୍‌ଙ୍କୁ ପରାମର୍ଶ ଦେଇଛନ୍ । ୩୦ ଟା ଓଡ୍ରାଫ୍ ଦଲ୍ ସହେତେ ଜଲ୍‌ସମ୍ପଦ୍, ସ୍ୱାସ୍ଥ୍ୟ, କୃଷି, ପୂର୍ତ୍ତ, ଖାଦ୍ୟଯୋଗାଣ୍

ବାଗିର୍ ବିଭାଗ୍ ଜରୁରୀକାଲୀନ ପରିସ୍ଥିତିର୍ ସମୀକ୍ଷା କରିଛନ୍ । ଇସବୁ ବିଭାଗ୍ ମାନ୍‌କୁ ଏସ୍‌ଓପିକେ କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍ । କଂଟ୍ରୋଲ୍‌ରୁମ୍‌କେ ସକ୍ରିୟ କର୍‌ବାର୍ ଆଉ ଠିକ୍ ସମିଆଥି ସୂଚ୍‌ନା ପ୍ରସାର୍ କର୍‌ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ ।

ଜାତୀୟ ଆପେକ୍ସ କମିଟି ବୈଠକ ଆଇ ଆଣ୍ଡ୍ ପି.ଆର୍

ରୂପାନ୍ତରଣ୍‌କାରୀ ସହରୀ ପ୍ରଶାସନ୍ କ୍ଷେତ୍ରଥି ନିଜର୍ ଜାତୀୟ ନେତୃତ୍ୱକେ ଅଏତ୍‌କା ବର୍‌କସ୍ କରିକରି ଓଡ଼ିଶା ସର୍‌କାର୍ ଗଲାକାଏଲ୍ ନୂଆଦିଲ୍ଲୀ ନ ହେଇଥିବା ଅର୍ବାନ୍ ଚେଲେଞ୍ଜ୍ ଫଣ୍ଡ୍‌ର ପହେଲା ଜାତୀୟ ଆପେକ୍ସ କମିଟି ବୈଠକ୍‌ଥି ଗୁଟେ ମହତ୍ୱାକାଂକ୍ଷୀ ଆଏବା ପିଢ଼ିର୍ ସହରୀ ବିକାଶ୍ ରୋଡ୍ ମେପ୍ ଉପସ୍ଥାପନ୍ କରିଛନ୍ । କେନ୍ଦ୍ର ଗୃହ ନିର୍ମାଣ୍ ଆଉ ସହରୀ ବ୍ୟାପାର୍ ମନ୍ତ୍ରୀ ମନୋହର୍‌ଲାଲ୍ ଖଟ୍ଟର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଓଡ଼ିଶା ତର୍‌ଫୁ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ୟୁସିଏଫ୍ ଡାଂଚାଥି ୫ ହଜାର୍ କୋଟି ନୁ ଅଏତ୍‌କା ଟଙ୍କାର୍ ୫

ଟା ମୁଖିଆ ସହରୀ ଭିତିଭୂମି ପ୍ରକଳ୍ପ ପ୍ରଦର୍ଶିତ୍ କରିଥିଲେ । ଓଡ଼ିଶାର୍ ବିକାଶ୍‌ମୁଖୀ ସହରୀ ମୋଡ଼େଲ୍‌କେ ଜାତୀୟ ଆପେକ୍ସ କମିଟି ପ୍ରଶଂସା କର୍‌ବାର୍ ସହେତେ ଇଟାକେ ସମନ୍ୱିତ୍ ସହରୀ ରୂପାନ୍ତରଣ୍ ମୋଡ଼େଲ୍ ବଲି କହିଛନ୍ ।

ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର-ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଗଲାକାଏଲ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ବୈଠକ୍‌ଥି ଯୋଗ୍ ଦେଇକରି ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି ମହାନଗର୍ ନିଗମ୍ ଆଉ ଅଲ୍‌ଗା ପୌରାଂଚଲ୍‌ର ବିକାଶ୍‌ମୂଲକ୍ କାମ୍‌ର ଅଗ୍ରଗତି ବାବ୍‌ଦେ ଆଲୋଚନା କରାଯାଇଥିଲା । ପିଏମ୍‌ଏୱାଇ - ସହରାଂଚଲ୍, ମଧୁବାବୁ ପେନ୍‌ସନ୍, ଗରିମା ଯୋଜ୍‌ନା, ପାନୀୟ ଜଳ, ସ୍ୱେରେଜ୍, ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍, ଆହାର୍ କେନ୍ଦ୍ର ଆଉ କ୍ଲଟ୍ ପ୍ରକଳ୍ପ ସହେତେ ମହାନଗର୍ ନିଗମ୍ ଇଲାକା ନ ବର୍ଷା ପାଏନ୍ ନିଷ୍କାସନ୍ ଆଉ ଏଫର୍ଡେବଲ୍ ହାଉସିଂ ପ୍ରୋଜେକ୍ଟ ଉପ୍‌ରେ ଖାସ୍

ଭାବେ ଆଲୋଚନା କରାଯାଇଥିଲା । ସମ୍ବଲ୍‌ପୁର୍ ଲାଗି ବ୍ୟାପକ୍ ବିକାଶ୍ ଯୋଜ୍‌ନା ୨୦୪୭ ପ୍ରସ୍ତୁତ୍ କର୍‌ବାର୍‌କେ ଅନୁମୋଦନ୍ କରାଯାଇଛେ । ଇ ଅବ୍‌ସରେ ମନ୍ତ୍ରୀ ଭିନ୍ ଭିନ୍ ଯୋଜ୍‌ନା ଅଧିନ୍‌ଥି ହିତାଧିକାରୀମାନ୍‌କୁ  ସାହାଜ୍ ବାଂଟିଛନ୍ ।

ରତ୍ନଭଣ୍ଡାର୍ ଗନ୍‌ତି          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଭିତର ରତ୍ନଭଣ୍ଡାର୍ ଗନ୍‌ତିର ୨ ନମ୍ବର୍ ଖେପ୍‌ର ୨ ନମ୍ବର୍ ଦିନର୍ କାମ୍ ଗଲାକାଏଲ୍ ଶେଷ୍ ହେଇଛେ । ଉପର୍‌ବେଲା ୩ ବାଜିକରି ୪୦ ମିନିଟ୍‌ଥି ଦଲ୍ ମନ୍ଦିର୍ ଭିତର୍‌କେ ଯାଇଥିଲେ । ୪ ବାଜିକରି ୨୭ ମିନିଟ୍‌ଥି ଗନ୍‌ତି କାମ୍ ମୁଲ୍ ହେଇକରି ପାଖାପାଖି ୪ ଘଂଟା ୧୮ ମିନିଟ୍ ଚାଲିଥିଲା । ଗଲାକାଏଲ୍‌କେ ମିଶେଇକରି ମୋଟ୍ ୬ ଦିନ୍ ଗନ୍‌ତି କାମ୍ ହେଇଛେ । ସବୁ ଅଲଙ୍କାର୍ ମାନ୍‌କୁ ଚିହ୍ନଟ୍ କରାଯାଇକରି କପଡ଼୍‌ଥି ରଖିକରି ଷ୍ଟିଲ୍ ବାକସ୍ ଆଉ ସିନ୍ଦୁକ୍ ଭିତ୍‌ରେ ସୁରକ୍ଷିତ୍ ଭାବେ ବନ୍ଦ୍ କରାଯାଉଛେ । ଇ ମାସେ ଆଉ ୭ ଦିନ୍ ଗନ୍‌ତି କାମ୍ କରାଯିବା । ଜୁନ୍ ମାସେ ସ୍ନାନ ପୂର୍ଣ୍ଣିମା ଆଘୋନୁ

ଭିଲ୍ ଗନ୍ତି କାମ୍ କରାଯିବା ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍ନା ଦେଇଛନ୍ ।

ଓଟିଇଟି-୨୦୨୬ ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଲିତ୍- ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ଓଟିଇଟି-୨୦୨୬ ଆଏବା ଜୁନ୍ ୨୧ ତାରିଖ୍ ଦିନ ହେବା । ପରୀକ୍ଷାର ପହେଲା ପେପର୍ ସଖାଲର୍ ୯ ନୁ ୧୧ ବଜେତକ୍ ଆଉ ୨ ନମ୍ବର୍ ପେପର୍ ଦୁଇପହରର୍ ୨ ବଜେନୁ ମୁଲ୍ ହେଇକରି ଉପର୍‌ବେଲା ସାଢ଼େ ୪ ବଜେତକ୍ ହେବା । ପରୀକ୍ଷା ଲାଗି ଆବେଦନ୍ କରିଥିବା ପରୀକ୍ଷାର୍ଥୀ ଜୁନ୍ ୯ ତାରିଖ୍‌ନୁ ବୋର୍ଡ଼ ୱେବ୍‌ସାଇଟ୍‌ନୁ ତାଙ୍କର୍ ଏଡ଼ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ବୋର୍ଡ଼ ତର୍‌ଫୁ ସୂଚ୍ନା ଦିଆଯାଇଛେ ।

ଲୋକରଞ୍ଜନୀ ବର୍‌ଗଡ୍ ସମ୍ବାଦଦାତା

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ଆଉ ସଂସ୍କାର୍ ଭାରତୀ ଓଡ଼ିଶା ତର୍‌ଫୁ

ଆୟୋଜିତ୍ ଲୋକରଞ୍ଜନୀ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଗଲା ୧୧ ତାରିଖ୍‌ନୁ ବରଗଡ଼୍ ଯଦୁମଣି ପ୍ରଧାନ୍ ପ୍ରେକ୍ଷାଳୟ ନ ମୁଲ୍ ହେଇଛେ । ଉଦ୍‌ଘାଟନୀ ସମାରୋହଥି ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଯୋଗ୍ ଦେଇଥିବାର୍ ବେଲେ ୨ ନମ୍ବର୍ ସଙ୍ଗେ ପୌର ପରିଷଦ୍ ଅଧ୍ୟକ୍ଷା କଳ୍ପନା ମାଝୀ, ପଦ୍ମଶ୍ରୀ ଭାଗବତ୍ ପ୍ରଧାନ୍ ଆଉ ପଦ୍ମଶ୍ରୀ ହଲ୍‌ଧର୍ ନାଗ୍ ଉପସ୍ଥିତ୍ ଥିଲେ । ଆଏଜ୍ ଉଦ୍‌ଯାପିତ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି କଲାକାର୍‌ମାନେ ଭିନ୍ ଭିନ୍ ଲୋକ୍‌ନାଚ୍ ଆଉ ଆଦିବାସୀ ନାଚ୍ ପରିବେଷଣ୍ କରୁଛନ୍ ।

ଓଡ଼ିଆ ଭାଷାଥି ସର୍‌କାରୀ କାମ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଓଡ଼ିଆ ଭାଷାଥି ସର୍‌କାରୀ କାମ୍ କର୍‌ବାର୍ ଲାଗି ୨ ଦିନିଆ ପ୍ରୟୋଗାତ୍ମକ୍ ପ୍ରଶିକ୍ଷଣ୍ ଶିବିର୍ ମୁଲ୍ ହେଇଛେ । ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିର୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀ ଆଉ କର୍ମଚାରୀମାନେ ଭାଗ୍ ନେଇଛନ୍ । ଓଡ଼ିଆ ଭାଷାଥି କାମ୍ କର୍‌ବାର୍‌ଟା ଆମର୍ ଲାଗି ଗର୍ବର୍ ବିଷେ ଆଏ ଆଉ ସୁବର୍ଣ୍ଣପୁର୍

ଜିଲ୍ଲା ଇଥି ରାଜ୍ୟର୍ ପ୍ରତିନିଧିତ୍ୱ କର୍‌ବା ବଲି ଜିଲ୍ଲାପାଲ୍ କହିଛନ୍ । ଓଡ଼ିଆ ଭାଷା, ସାହିତ୍ୟ, ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ହେଇଥିବା ଇ ଶିବିର୍ ରାଏଜେ ୮ ନମ୍ବର୍ ଜିଲ୍ଲା ଭାବେ ସୁବର୍ଣ୍ଣପୁର୍ ନ ଆୟୋଜିତ୍ ହେଇଛେ ।

କଲାହାଣ୍ଡି-ବାଲ୍ୟବିବାହ ନିରାକରଣ୍ ହି.ସ.

କଲାହାଣ୍ଡି ଜିଲ୍ଲାକେ ବାଲ୍ୟବିବାହ ମୁକ୍ତ କର୍‌ବାର୍ ଲକ୍ଷ୍ୟଥି ଗଲାକାଏଲ୍ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା କାର୍ଯ୍ୟଖସଡ଼ା ଅନୁମୋଦନ୍ ସହେତେ ବାଲ୍ୟବିବାହ ରୁକ୍‌ବାର୍, କିଶୋରୀମାନ୍‌କର୍ ସୁରକ୍ଷା, ଶିକ୍ଷାଥି ସହଭାଗିତା, ଆଉ ଅବହେଳିତ୍ ଛୁଆମାନ୍‌କୁ ସର୍‌କାରୀ ଯୋଜ୍‌ନାମାନ୍‌କେ ସାମିଲ୍ କର୍‌ବାର୍‌କେ ରଣନୀତି ତିଆର୍ କର୍‌ବାର୍ ଉପ୍‌ରେ ଆଲୋଚନା କରାଯାଇଛେ ।